**By E-mail**

**GOVERNMENT OF ODISHA**
**HOME (ELECTIONS) DEPARTMENT**
***

No.IE(A)-06/2013-4357 /Elec. Dated Bhubaneswar the 4th April 2013

From

**Sri Jyoti Prakash Das,**
Joint Chief Electoral Officer-cum-
Joint Secretary to Government.

To

Biswa Jeevan Seba Sangha,
Khurda
E-mail: bjss_khurda@yahoo.co.in

Sub: **Special Summary Revision of Electoral Rolls, 2013 scheduled during 8th April – 1st June 2013- collection of photographs from non-photo electors.**

Sir,

As you are aware, there are a large number of electors in the 3 Assembly Constituencies of Bhubaneswar whose photographs are not found in the Electoral Roll. As per the instructions of Election Commission of India, 100% photo coverage is to be achieved.

2. Further to our discussions, I am directed to say that photographs of non-photo electors may be collected through your volunteers, especially in the areas where your organization is working. The Sub-Collector, Bhubaneswar may be contacted for sparing you a copy of the Electoral Roll containing non-photo electors to achieve the task.

Yours faithfully,
04/4/13
Joint Chief Electoral Officer-cum-
Joint Secretary to Government.

Memo No. 4360 / Elec, dated 4/4/2013

Copy forwarded to ERO-cum-Sub-Collector, Bhubaneswar for information and necessary action. It is requested that one copy of the Electoral Roll containing non-photo electors only relating to selected polling stations where Biswa Jeevan Seba Sangha is actively working in Bhubaneswar may be shared with the organization to collect photographs from non-photo electors.

4/04/13
Joint Chief Electoral Officer-cum-
Joint Secretary to Government.

**ତା.୦୩.୦୪.୨୦୧୩ ରିଖ ଦିବା ୧୧.୩୦ ଘଟିକା ସମୟରେ ସ୍ୱରାଷ୍ଟ୍ର (ନିର୍ବାଚନ) ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବାକୁ ଥିବା ସମସ୍ତ ସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ଅଧିବେଶନର ଆଲୋଚ୍ୟ ବିଷୟ ବସ୍ତୁ ।**

---

ଜନଗଣନା ରିପୋର୍ଟ ଅନୁଯାୟୀ ରାଜ୍ୟରେ ୧୮-୧୯ ବର୍ଷ ବର୍ଗର ଯୁବକ/ଯୁବତୀଙ୍କ ସଂଖ୍ୟା ୧୬,୩୭,୩୬୨ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦,୫୧,୬୯୯ ଜଣଙ୍କୁ ଭୋଟର ଲିଷ୍ଟରେ ଅନ୍ତର୍ଭୁକ୍ତ କରାଯାଇପାରିଛି । ମାତ୍ର ରାଜ୍ୟରେ ୧୮+ ବର୍ଷର ବ୍ୟକ୍ତିଙ୍କର ସଂଖ୍ୟା ମୋଟ ଜନସଂଖ୍ୟାର ୬୧% ହୋଇଥିବା ସ୍ଥଳେ, ମୋଟ ଭୋଟରଙ୍କ ସଂଖ୍ୟା ଜନ ସଂଖ୍ୟାର ୬୮.୬୬% ଅଟେ । ଏହାର କାରଣ ରାଜ୍ୟର ସମସ୍ତ ମୃତ/ସ୍ଥାନାନ୍ତରିତ ଓ ଦୋହରା ଭୋଟର ମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଇପାରିନାହିଁ ।

୨. ଅଜ୍ଞତା ହେତୁ କେତେକ ବ୍ୟକ୍ତି ଏକାଧିକ ସ୍ଥାନର ଭୋଟର ତାଲିକାରେ ନିଜର ନାମ ଅନ୍ତର୍ଭୁକ୍ତ କରାଇଛନ୍ତି । ମାତ୍ର ଲୋକ ପ୍ରତିନିଧିତ୍ୱ ଅଧିନିୟମ, ୧୯୫୦ ର ଧାରା-୧୭ରେ ଥିବା ବ୍ୟବସ୍ଥା ଅନୁଯାୟୀ କୌଣସି ବ୍ୟକ୍ତି ଏକାଧିକ ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାରେ ନିଜର ନାମ ପଞ୍ଜିକୃତ କରିପାରିବେ ନାହିଁ । ପୁନଶ୍ଚ, ସେହି ଅଧିନିୟମର ଧାରା-୧୮ରେ ଥିବା ବ୍ୟବସ୍ଥା ଅନୁଯାୟୀ କୌଣସି ବ୍ୟକ୍ତି ଗୋଟିଏ ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାରେ ଏକାଧିକ ସ୍ଥାନରେ ନାମ ପଞ୍ଜିକୃତ କରିବା ମଧ୍ୟ ବେଆଇନ୍ । ଏକାଧିକ ସ୍ଥାନରେ ନାମ ପଞ୍ଜିକୃତ କରିବା ଏକ ଦଣ୍ଡନୀୟ ଅପରାଧ । ଏଥି ନିମନ୍ତେ ଉପରୋକ୍ତ ଅଧିନିୟମର ଧାରା-୩୧ରେ ଏକ ବର୍ଷ ପର୍ଯ୍ୟନ୍ତ ଜେଲ୍ କିମ୍ବା ଜୋରିମାନା କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ଅଛି । ଏହି ସବୁ ବିଧି ବ୍ୟବସ୍ଥା ଉଲ୍ଲେଖ କରି ରଙ୍ଗୀନ୍ ପୋଷ୍ଟର ମାନ ଭୋଟ ଦାନ କେନ୍ଦ୍ର ମାନଙ୍କରେ ପ୍ରକାଶିତ ହୋଇଅଛି ।

୩. ପ୍ରତ୍ୟେକ ଭୋଟର ନିଜର ନାମ ଏକାଧିକ ସ୍ଥାନରେ ପଞ୍ଜିକୃତ ହୋଇଛି କି ନାହିଁ, ତାହା ସେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବସାଇଟ୍ www.ceoorissa.nic.in ରେ କିମ୍ବା ଭୋଟର ସହାୟତା କେନ୍ଦ୍ରରେ search facility ମାଧ୍ୟମରେ ଜାଣିପାରିବେ । ଯେକୌଣସି ଗୋଟିଏ ସ୍ଥାନରେ ନିଜ ନାମ ରଖି ଅନ୍ୟ ସ୍ଥାନରୁ ନାମ ବାଦ୍ ଦେବା ନିମନ୍ତେ ଫର୍ମ-୭ ରେ ଦରଖାସ୍ତ ସଂପୃକ୍ତ ବି.ଏଲ୍.ଓ କିମ୍ବା ଉପ-ଜିଲ୍ଲାପାଳଙ୍କ ପାଖରେ ଦାଖଲ କରିପାରିବେ । ଏଥିନିମନ୍ତେ online ଦରଖାସ୍ତ ମଧ୍ୟ କରିପାରିବେ ।

୪. ଭୋଟର ତାଲିକା ୨୦୧୩ କୁ ଶୁଦ୍ଧ ଏବଂ ବିଶ୍ୱାସନୀୟ କରିବା ନିମନ୍ତେ ରାଜ୍ୟର ସମସ୍ତ ୧୪୭ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ନିର୍ବାହ କରିବା ନିମନ୍ତେ ଭାରତ ନିର୍ବାଚନ ଆୟୋଗ ଅନୁମୋଦନ କରିଛନ୍ତି ।

| | | |
|---|---|---|
| ଚିଠା ଭୋଟର ତାଲିକା ପ୍ରକାଶନ | - | ୦୮.୦୪.୨୦୧୩ |
| ଦାବୀ ଓ ଆପତ୍ତି ଦାଖଲ | - | ୦୮.୦୪.୨୦୧୩ ଠାରୁ ୦୭. ୦୫.୨୦୧୩ ପର୍ଯ୍ୟନ୍ତ |
| ସ୍ୱତନ୍ତ୍ର ପ୍ରଚାର ଅଭିଯାନ | - | ୨୧, ୨୮ ଏପ୍ରିଲ୍ ଏବଂ ୦୫ ମଇ, ୨୦୧୩ (ରବିବାର) |
| ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ | - | ୦୧.୦୬.୨୦୧୩ |

ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷିରେ ଆସନ୍ତ ଏପ୍ରିଲ୍-ମେ ମାସରେ ବି.ଏଲ୍.ଓ ମାନଙ୍କ ଦ୍ୱାରା ଘରକୁ ଘର ଅଭିଯାନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଘରକୁ ଘର ଅଭିଯାନ ସମୟରେ ବି.ଏଲ୍.ଓ ମାନେ ନିମ୍ନଲିଖିତ କାର୍ଯ୍ୟ ସଂପାଦନ କରିବେ :

(କ) ବାଦ୍ ପଡିଯାଇଥିବା ୧୮-୧୯ ବର୍ଷ ବର୍ଗର ଯୁବକ/ଯୁବତୀ ମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ସେମାନଙ୍କ ଠାରୁ ଫର୍ମ-୬ ରେ ଦରଖାସ୍ତ ଗ୍ରହଣ କରିବେ ।

(ଖ) ମୃତ/ସ୍ଥାନାନ୍ତରିତ ଭୋଟର ମାନଙ୍କର ନାମ ଭୋଟର ତାଲିକାରୁ ବାଦ୍ ଦେବା ନିମନ୍ତେ ବ୍ୟକ୍ତିଗତ ଭାବେ ନୋଟିସ୍ ଜାରି କରିବେ ଏବଂ ସେମାନଙ୍କ ପରିବାରର ସଭ୍ୟଙ୍କ ଠାରୁ କିମ୍ବା ସଂପୃକ୍ତ ବୁଥ୍ ର ଯେକୌଣସି ଭୋଟରଙ୍କ ଠାରୁ ଫର୍ମ-୭ ରେ ଦରଖାସ୍ତ ସଂଗ୍ରହ କରିବେ ।

(ଗ) ଯେଉଁ ଭୋଟର ମାନଙ୍କ ନାମ ଏକାଧିକ ସ୍ଥାନର ଭୋଟର ତାଲିକାରେ ଅଛି, ସେମାନେ ଗୋଟିଏ ସ୍ଥାନର ଭୋଟର ତାଲିକାରେ ନିଜ ନାମ ରଖି ଅନ୍ୟ ସ୍ଥାନର ଭୋଟର ତାଲିକାରୁ ନାମ ବାଦ୍ ଦେବା ନିମନ୍ତେ ଫର୍ମ-୭ ରେ ଦରଖାସ୍ତ କରିବାକୁ ପରାମର୍ଶ ଦେବେ ।

(ଘ) ଯେଉଁ ଭୋଟରଙ୍କର ଫଟୋ ଭୋଟର ତାଲିକାରେ ନାହିଁ, ସେମାନଙ୍କ ଠାରୁ ଫଟୋ ସଂଗ୍ରହ କରିବେ ।

(ଙ) ଭୋଟର ତାଲିକାରେ ଭୋଟରଙ୍କ ତଥ୍ୟରେ ତ୍ରୁଟି ସଂଶୋଧନ ନିମନ୍ତେ ଫର୍ମ-୮ ରେ ଦରଖାସ୍ତ ସଂଗ୍ରହ କରିବେ ।

(ଚ) ଭୋଟର ତାଲିକାରେ ଗୋଟିଏ ପରିବାରର ସମସ୍ତ ସଦସ୍ୟଙ୍କ ନାମ ଗୋଟିଏ ଘର ନମ୍ବର ଅଧୀନରେ ସ୍ଥାନିତ ହୋଇଛିକି ନାହିଁ ତାହା ଯାଞ୍ଚ କରିବେ । ଯଦି ଗୋଟିଏ ଘର ନମ୍ବର ଅଧୀନରେ କୌଣସି ବାହାର ଲୋକଙ୍କ ନାମ ଥାଏ ତେବେ ତାହା ସେ ଘର ନମ୍ବରରୁ ବାଦ୍ ଦେଇ ସଠିକ୍ ଘର ନମ୍ବର ଅଧୀନରେ ଅନ୍ତର୍ଭୁକ୍ତ କରିବେ ।

(ଛ) ଘରକୁ ଘର ଅଭିଯାନ ନିମନ୍ତେ ବି.ଏଲ୍.ଓ ମାନଙ୍କୁ ଭୋଟର ତାଲିକାର କାର୍ଯ୍ୟକାରୀ ନକଲ, ମାର୍ଗ ଦର୍ଶିକା, ରିପୋର୍ଟିଂ ଫର୍ମାଟ, ସମ୍ଭାବ୍ୟ ଦୋହରା ଭୋଟରଙ୍କ ତାଲିକା ଯୋଗାଇ ଦିଆଯାଇଛି ।

**ବି.ଏଲ୍.ଓ ମାନଙ୍କୁ ଏହି କାର୍ଯ୍ୟ ସଂପାଦନରେ ସାହାଯ୍ୟ କରିବା ନିମନ୍ତେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଗୁଡିକ ପ୍ରତ୍ୟେକ ବୁଥ୍ ରେ ବୁଥ୍ ସ୍ତରୀୟ ଏଜେଣ୍ଟ (ବି.ଏଲ୍.ଓ) ନିଯୁକ୍ତ କରିବା ନିମନ୍ତେ ଅନୁରୋଧ କରାଯାଉଛି ।**

୫. ଭୋଟର ମାନେ ସଂପୃକ୍ତ ବି.ଏଲ୍.ଓ ଙ୍କର ନାମ ଠିକଣା ଏବଂ ଟେଲିଫୋନ୍ ନମ୍ବର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବ୍ ସାଇଟ୍ www.ceoorissa.nic.in ରୁ ଜାଣିପାରିବେ ।

୬. ଭୋଟରମାନେ ନିଜର ନାମ ଭୋଟର ତାଲିକାରେ ଯାଞ୍ଚ କରିବା, ଏବଂ online ଦରଖାସ୍ତ କରିବା ନିମନ୍ତେ ପ୍ରତ୍ୟେକ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୈଷୟିକ ମହାବିଦ୍ୟାଳୟ, ଜନ ସେବା କେନ୍ଦ୍ର ମାନଙ୍କରେ ଭୋଟର ସହାୟତା କେନ୍ଦ୍ରମାନ ଖୋଲାଯାଇଅଛି । ଏହି ଭୋଟର ସହାୟତା କେନ୍ଦ୍ର ଗୁଡିକର ତାଲିକା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବ୍ ସାଇଟ୍ www.ceoorissa.nic.in ରେ ଉପଲବ୍ଧ । ଭୋଟର ସହାୟତା କେନ୍ଦ୍ର ମାର୍ଗ ଦର୍ଶିକାର ନକଲ ଏଥି ସହ ସଂଲଗ୍ନ କରାଯାଇଛି ।

୭. ଭୋଟର ତାଲିକାରେ ଫଟୋ ନଥିବା ଭୋଟରଙ୍କଠାରୁ ଫଟୋ ସଂଗ୍ରହ କରିବା ନିମନ୍ତେ NSS, NYK ଏବଂ SHG ର ସ୍ୱେଚ୍ଛାସେବୀ ମାନଙ୍କୁ ତାଲିମ ପ୍ରଦାନ ସହ ଭୋଟର ତାଲିକାର ନକଲ ଯୋଗାଇ ଦିଆଯାଇଛି ।

୮. KIIT ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଭୁବନେଶ୍ୱର ସହରରେ ୨୦ଟି ଭୋଟର ସହାୟତା କେନ୍ଦ୍ର ଏପ୍ରିଲ ୮ ରୁ ମଇ ୭ ତାରିଖ, ୨୦୧୩ ପର୍ଯ୍ୟନ୍ତ ଭୋଟରମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବା ନିମନ୍ତେ କାର୍ଯ୍ୟ କରିବ ।

------------XXX------------